# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 06 February – 2026

**********************************

## ମୁଖ୍ୟ ସମ୍ବାଦ

- ଜୀବନକୁ ଉତ୍କୃଷ୍ଟ ଓ ପରିପୂର୍ଣ୍ଣ କରିବାରେ ଶିକ୍ଷା ଏକ ବଳିଷ୍ଠ ଉପକରଣ — ନୂଆଦିଲ୍ଲୀଠାରେ 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରି କହିଲେ ପ୍ରଧାନମନ୍ତ୍ରୀ
- ଚାପମୁକ୍ତ ହୋଇ ଧୈର୍ଯ୍ୟର ସହ ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ମୟୂରଭଞ୍ଜ ଜିଲ୍ଲାର ଗୁଡୁଗୁଡ଼ିଆ ଓ ବରେହୀପାଣି ଜନଜାତି ଅଧିବାସୀଙ୍କ ସହ ଆଲୋଚନା କଲେ ରାଷ୍ଟ୍ରପତି
- ଶ୍ରମିକ ଶକ୍ତି ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ; କହିଲେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ

ଏବଂ

- ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ ଅବଧିକୁ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କଲେ ରାଜ୍ୟ ସରକାର

# ପରୀକ୍ଷା ପେ ଚର୍ଚ୍ଚା-ପ୍ରଧାନମନ୍ତ୍ରୀ

ଜୀବନକୁ ଅର୍ଥପୂର୍ଣ୍ଣ, ଉତ୍କୃଷ୍ଟ ଏବଂ ପରିପୂର୍ଣ୍ଣ କରିବାରେ ଶିକ୍ଷା ଏକ ବଳିଷ୍ଠ ଉପକରଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ନିଜ ବାସଭବନରେ ଆଜି ପୂର୍ବାହ୍ନରେ 'ପରୀକ୍ଷା ପେ' ଚର୍ଚ୍ଚା'ର ନବମ ସଂସ୍କରଣରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପରୀକ୍ଷା କେବଳ ନିଜକୁ ପରୀକ୍ଷା କରିବାର ଏକ ମାଧ୍ୟମ ନୁହେଁ, ବରଂ ଶିକ୍ଷା ଜୀବନକୁ ରୂପ ଦେବାର ଏକ ମାଧ୍ୟମ। ପରୀକ୍ଷାକୁ ନେଇ ରହୁଥିବା ଚାପ ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପରୀକ୍ଷାକୁ ଏକ ଉତ୍ସବ ଓ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସଫଳତା ପାଇଁ ଜୀବନ ଓ ବୃତ୍ତିଗତ କୌଶଳର ଆବଶ୍ୟକତା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

## - V/O -(PM)

ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷା ଓ ଦକ୍ଷତା ପରସ୍ପରର ପରିପୂରକ ଅର୍ଥାତ୍ ଶିକ୍ଷା କୌଣସି ବିଷୟରେ ଜ୍ଞାନ ଦେଇପାରିବ; କିନ୍ତୁ ଦକ୍ଷ ହେବାକୁ ହେଲେ ବାରମ୍ବାର ଅଭ୍ୟାସ ଆବଶ୍ୟକ।

ପ୍ରତ୍ୟେକ ଛାତ୍ରଙ୍କର ଏକ ସ୍ୱତନ୍ତ୍ର ଶୈଳୀ ରହିଛି ଏବଂ ନିଜ ପ୍ରସ୍ତୁତି ଶୈଳୀ ଉପରେ ବିଶ୍ୱାସ ରଖିବା ଜରୁରୀ। ଛାତ୍ରଛାତ୍ରୀମାନେ ଶିକ୍ଷକ, ଅଭିଭାବକ ଏବଂ ପରାମର୍ଶଦାତାଙ୍କ ମାର୍ଗଦର୍ଶନକୁ ଧ୍ୟାନର ସହ ଶୁଣିବା ଉଚିତ୍। ତେବେ ଯେକୌଣସି ପରାମର୍ଶରେ ନିଜର ଅଭିଜ୍ଞତା ଏବଂ ଆତ୍ମବୁଝାମଣା ଯୋଡିବାକୁ

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି। ସଟ୍-ଗାଇଡ୍, ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନପୁସ୍ତକ କିମ୍ବା ପ୍ରଶ୍ନ ବ୍ୟାଙ୍କ ଉପରେ ନିର୍ଭର କରି ଭୁଲ ପରୀକ୍ଷା ପ୍ରସ୍ତୁତି ପଦ୍ଧତି ଗ୍ରହଣ ନ କରିବାକୁ ପ୍ରଧାନମନ୍ତ୍ରୀ ବିଦ୍ୟାର୍ଥୀମାନଙ୍କୁ କହିଛନ୍ତି।

ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନ କେବଳ ପରୀକ୍ଷା ଏବଂ ମାର୍କ ମଧ୍ୟରେ ସୀମିତ ନୁହେଁ। ଶରୀର ଓ ମନର ବିକାଶ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ନିଜର ଦୈନନ୍ଦିନ କାର୍ଯ୍ୟରେ ବ୍ୟାୟାମ, ଯୋଗ, ପୁଷ୍ଟିକର ଖାଦ୍ୟ, ପର୍ଯ୍ୟାପ୍ତ ବିଶ୍ରାମ ଏବଂ ମାନସିକ ଶାନ୍ତି ସାମିଲ କରିବାକୁ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସଫଳ ବ୍ୟକ୍ତିଙ୍କ ଜୀବନୀରୁ ପ୍ରେରଣା ନେବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଶିକ୍ଷଣର ଗତି ପ୍ରତି ଶିକ୍ଷକମାନେ ସମ୍ବେଦନଶୀଳ ହେବା ଉଚିତ। ଜଣେ କୃଷକ ମଞ୍ଜି ବୁଣିବା ପୂର୍ବରୁ ଯେପରି ମୃତ୍ତିକାକୁ ଯତ୍ନର ସହ ପ୍ରସ୍ତୁତ କରିଥାଏ, ସେହିପରି ଶିକ୍ଷକମାନେ ଧୈର୍ଯ୍ୟର ସହ ଛାତ୍ରଛାତ୍ରୀଙ୍କ ମନକୁ ବୁଝିବା ଆବଶ୍ୟକ, ଯାହାଦ୍ୱାରା ଶିକ୍ଷା ସ୍ୱାଭାବିକ ଭାବରେ ମୂଳଦୁଆ ପକାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ' ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ, ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସିଧାସଳଖ ପ୍ରସାରଣ କରାଯାଇଥିଲା। ୱେବ୍‌ସ ଓଟିଟି, ଆମାଜନ୍ ପ୍ରାଇମ

ଭିଡିଓ, ଜିଓ, ଜି-ଫାଇଭ୍, ସୋନି ଲାଇଭ୍ ଏବଂ ସ୍ୱଟିପାଏ ଆଦି ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି।

## ପରୀକ୍ଷା ପେ ଚର୍ଚ୍ଚା-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀମାନଙ୍କ ସହିତ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପାଠ ପଢ଼ିବା ପାଇଁ ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବା ଦରକାର। ଆରାମଦାୟକ ପରିବେଶ ନୁହେଁ, ବରଂ ସବୁ ପରିବେଶକୁ ଆରାମ ବନେଇ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚାପମୁକ୍ତ ହୋଇ ଧୈର୍ଯ୍ୟର ସହ ପାଠ ପଢ଼ିଲେ ସଫଳତା ପ୍ରାପ୍ତ ହେବ। ପରୀକ୍ଷାର ଫଳାଫଳରେ ଜୀବନର ସଫଳତା ନ ଥାଏ, ଜ୍ଞାନ ଆହରଣ କରିବାର ମାର୍ଗ ସଠିକ୍ ମାର୍ଗ ବୋଲି ଶ୍ରୀ ମାଝୀ କହିଛନ୍ତି।

## - V/O -(CM)

ସାମାଜିକ ଗଣମାଧ୍ୟମ, ମୋବାଇଲ ବର୍ତ୍ତମାନ ସମୟରେ ବଡ଼ ଆହ୍ୱାନ ସୃଷ୍ଟି କରିଛି। ମୋବାଇଲରେ ଅନ୍‌ଲାଇନ୍ ପାଠପଢ଼ା ସମୟରେ ଖରାପ ଦିଗପ୍ରତି ଆକୃଷ୍ଟ ନ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ

ଦେଇଛନ୍ତି। ଶିକ୍ଷକମାନେ ପିଲାମାନଙ୍କ ସହ ବନ୍ଧୁତା ବଢ଼ାଇବାକୁ ଚେଷ୍ଟା କରନ୍ତୁ।

ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ପିତାମାତାମାନେ ପିଲାମାନଙ୍କୁ ପରୀକ୍ଷା ଫଳ ପାଇଁ ଅଧିକ ଚାପ ଦିଅନ୍ତୁ ନାହିଁ। ଆଗାମୀ ସମସ୍ତ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କ ମୁଖ୍ୟମନ୍ତ୍ରୀ ସଫଳତା କାମନା କରିଛନ୍ତି।

## ପରୀକ୍ଷା ପେ ଚର୍ଚ୍ଚା-କେନ୍ଦ୍ରମନ୍ତ୍ରୀ

'ପରୀକ୍ଷା ପେ ଚର୍ଚ୍ଚା' ଛାତ୍ରଛାତ୍ରୀଙ୍କ ପାଇଁ ସର୍ବଶ୍ରେଷ୍ଠ ମାର୍ଗଦର୍ଶକ ସାଜିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସ୍କ୍ରିନିଂ ଦେଖିବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଦେଶର କୋଟି କୋଟି ବିଦ୍ୟାର୍ଥୀଙ୍କୁ ଏହା ନୂଆ ରାସ୍ତା ଦେଖାଉଛି। ପ୍ରଧାନମନ୍ତ୍ରୀଙ୍କ ଛୋଟ ଛୋଟ ବାର୍ତ୍ତା ଏବଂ ସରଳ ଉଦାହରଣ ଛାତ୍ରଛାତ୍ରୀଙ୍କ ମନରୁ ଭୟ ଦୂର କରି ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରୁଛି। ପରୀକ୍ଷା ପେ ଚର୍ଚ୍ଚା କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ବର୍ତ୍ତମାନ ସମୟରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହା ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଭୟମୁକ୍ତ ପରିବେଶରେ ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରୁଛି। ଆଗାମୀ ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ ସେମାନେ ଦୃଢ଼ ଆତ୍ମବିଶ୍ୱାସର ସହ ପରୀକ୍ଷାର ସାମ୍ନା କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ପରୀକ୍ଷା ପେ ଚର୍ଚ୍ଚା-ଛାତ୍ରଛାତ୍ରୀ

ପ୍ରଧାନମନ୍ତ୍ରୀ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ 'ମାଇ ଗଭ୍' ପୋର୍ଟାଲରେ ସାରା ଦେଶରୁ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଥିଲେ ।

**ବଲାଙ୍ଗିର** ଜିଲ୍ଲାର ପଥରଚେପାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୩୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

**ଭଦ୍ରକ** ଜିଲ୍ଲାର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଶୁଣିଥିଲେ । କାର୍ଯ୍ୟକ୍ରମ ସମ୍ପର୍କରେ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ର **ସ୍ୱୟଂଶୁ ଦାସ** କହିଛନ୍ତି...

**- V/O - (ସ୍ୱୟଂଶୁ ଦାସ)**

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଶୁଣିଛନ୍ତି ।

## ରାଷ୍ଟ୍ରପତି-ଶିମିଳିପାଳ

ଓଡ଼ିଶା ଗସ୍ତର ପଞ୍ଚମ ଦିନରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାର ଗୁଡୁଗୁଡ଼ିଆ ଏବଂ ବରେହୀପାଣି ସମେତ ଅଙ୍ଗୁଳି ଅଞ୍ଚଳର ଜନଜାତି ଅଧିବାସୀଙ୍କ ସହ ଭାବ ବିନିମୟ କରିଛନ୍ତି । ରାଷ୍ଟ୍ରପତି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଅବସ୍ଥିତ ଗୁଡୁଗୁଡିଆ

ଫରେଷ୍ଟ ଗେଷ୍ଟହାଉସ୍‌ରେ ଗତକାଲି ରାତ୍ରୀଯାପନ କରିଥିଲେ। ରାଷ୍ଟ୍ରପତି ଆଜି ଅପରାହ୍ଣରେ ଭୁବନେଶ୍ୱରରେ ଆୟୋଜିତ 'ବ୍ଲାକ୍ ସ୍ୱାନ' ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଜାତୀୟ କର୍ମଶାଳା

ଶ୍ରମିକ ଶକ୍ତି ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ କହିଛନ୍ତି। ପୁରୀ ବଗଲା ଧର୍ମଶାଳା ପରିସରରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ଶ୍ରୀ ମାଣ୍ଡଭୀୟ କହିଛନ୍ତି, ସମ୍ମିଳନୀରେ ଶ୍ରମିକଙ୍କ କଲ୍ୟାଣ ନେଇ ହେବାକୁ ଥିବା ବିଚାରବିମର୍ଶ ଓ ନିଷ୍କର୍ଷ ଦେଶର ଶ୍ରମିକମାନଙ୍କ ବିକାଶରେ ସହାୟକ ହେବ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ୨୮ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ୪୨ଟି ଶିଳ୍ପ ଫେଡେରେସନର ୨ ହଜାର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ସମ୍ମିଳନୀରେ ବ୍ରାଜିଲ, ମରିସସ୍, ଇଟାଲୀ, ତୁର୍କୀ, ନେପାଳ ଆଦି ଦେଶରୁ ୩୮ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟା, ନୈତିକ ପରିସ୍ଥିତି, କାର୍ଯ୍ୟକ୍ଷେତ୍ର ଉପରେ ଟ୍ରେଡ୍ ୟୁନିୟନ୍‌ର ପ୍ରଭାବ ସମ୍ପର୍କରେ ବିଭିନ୍ନ ଆଲୋଚନାଚକ୍ରର ଆୟୋଜନ କରାଯାଇଛି।

## ଚିଟ୍‌ଫଣ୍ଡ

ରାଜ୍ୟ ସରକାର ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ ଅବଧିକୁ ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜାନୁୟାରୀ ୩୧ ତାରିଖ ମଧ୍ୟରେ ସମସ୍ତ ଜମାକାରୀ ଟଙ୍କା ଫେରସ୍ତ ପାଇ ନ ଥିବାରୁ ସରକାର ଏହି ସମୟସୀମାକୁ ବୃଦ୍ଧି କରିଛନ୍ତି। ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇ ନଥିବା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଏ ନେଇ ଆବେଦନ କରିପାରିବେ। ଜମାକାରୀମାନେ ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟ ପରିଚୟପତ୍ର, ପ୍ୟାନକାର୍ଡ ଆଦି ଆବଶ୍ୟକୀୟ ଦସ୍ତାବିଜ୍ ସହ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ଜମା ଟଙ୍କା ଫେରି ପାଇବାର ପ୍ରାବଧାନ ରହିଛି।

## ସରକାରୀ ଘର

ରାଜ୍ୟରେ ଅବ୍ୟବହୃତ ଭାବେ ରହିଥିବା ସରକାରୀ ଘରକୁ ସହରାଞ୍ଚଳର ବାସହୀନ ଲୋକଙ୍କୁ ଭଡାସୂତ୍ରରେ ଯୋଗାଇ ଦିଆଯିବ। କର୍ମଜୀବୀ ମହିଳାଙ୍କୁ ଭଡାଘର ପ୍ରଦାନରେ ପ୍ରାଥମିକତା ଦିଆଯିବ। ଏଥିପାଇଁ ଖାଲି ପଡିଥିବା ସରକାରୀ ଘର ଚିହ୍ନଟ କରିବା ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨.୦ ଅନୁଯାୟୀ ମାର୍ଗଦର୍ଶିକାରେ ଦୁଇଟି ମଡେଲରେ ସୁଲଭ ମୂଲ୍ୟରେ ଭଡା ଦିଆଯିବା ନେଇ ଉଲ୍ଲେଖ ରହିଛି। ପ୍ରଥମ ପର୍ଯ୍ୟାୟରେ ସରକାରୀ ଘରକୁ

ପବ୍ଲିକ୍ ଏଜେନ୍ସି ମାଧ୍ୟମରେ ଭଡା ସୂତ୍ରରେ ଦିଆଯିବ। ଦ୍ୱିତୀୟରେ ବେସରକାରୀ ସଂସ୍ଥା ଘର ତିଆରି କରି ବାସହୀନ ଲୋକଙ୍କୁ ଭଡା ଦେବେ ବୋଲି ଜଣାପଡିଛି।

## ପ୍ରସ୍ତୁତି ବୈଠକ-ଶିବରାତ୍ରୀ

**ଗଜପତି** ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ମହାଶିବରାତ୍ରୀ ପାଳନ ନେଇ ଆଜି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ  ସୁନୀଲ ଅଗ୍ରଓ୍ୱାଲ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

## କର୍ମଶାଳା

**ଗଞ୍ଜାମ** ଜିଲ୍ଲା ଖଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଭିତ୍ତିଚିତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ସପ୍ତାହବ୍ୟାପୀ ହେବାକୁ ଥିବା କର୍ମଶାଳାରେ ଅନୁଷ୍ଠାନର ଅଧ୍ୟକ୍ଷ ଦେବୀପ୍ରସାଦ ଦାସ ଯୋଗଦେଇ ରାଜ୍ୟର ବିଭିନ୍ନ କଳାକୃତି ସମ୍ପର୍କରେ ମତ ରଖିଥିଲେ।

## ଶିଶୁବାଟିକା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ସ୍ଥିତ ପିଏମ୍‌ଶ୍ରୀ ସିଟି ହାଇସ୍କୁଲ ପରିସରରେ ୫ ଦିନ ଧରି ଚାଲିଥିବା ପଢ଼ିବା-ଗଢ଼ିବା ଓଡ଼ିଶା ୨୦୨୫-୨୬ କାର୍ଯ୍ୟକ୍ରମ

ଶେଷ ହୋଇଛି । କାର୍ଯ୍ୟକ୍ରମରେ ଶିଶୁବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପାରଦର୍ଶୀତା ପ୍ରଦର୍ଶନ କରିଥିଲେ ।